# Govt. Autonomous College,Rourkela

+3 3rd Year

6th Semistar - 2022

(Paper Core-13)

ODIA

୧. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୧ ନମ୍ବର ବିଶିଷ୍ଟ ।

କ. ଆତ୍ମଜୀବନୀ କହିଲେ କ'ଣ ବୁଝ ?

ଖ. ଆତ୍ମଜୀବନୀକୁ କେତେ ଭାଗରେ ବିଭକ୍ତ କରାଯାଇଛି ?

ଗ. 'ସାଧନାର ପଥେ' କେଉଁ ସ୍ରଷ୍ଟାଙ୍କ ଉଲ୍ଲେଖନୀୟ ଆତ୍ମଜୀବନୀ ?

ଘ. ଭ୍ରମଣ ସାହିତ୍ୟର ଇଂରାଜୀ ପ୍ରତିଶବ୍ଦଟି ଲେଖ ?

ଙ. ରବୀନ୍ଦ୍ରନାଥ ଠାକୁରଙ୍କ ଦ୍ୱାରା ରଚିତ ଦୁଇଟି ଭ୍ରମଣ କାହାଣୀର ନାମ ଲେଖ ?

ଚ. 'ଉତ୍କଳ ଭ୍ରମଣ' କେବେ ପ୍ରକାଶିତ ହୋଇଥିଲା ?

ଛ. ସମାଲୋଚନା ଶବ୍ଦର ବ୍ୟୁତ୍ପତ୍ତିକ୍ରମ ଦର୍ଶାଅ ।

ଜ. ଆଲଙ୍କାରିକ ସମାଲୋଚନା କହିଲେ କ'ଣ ବୁଝ ।

ଝ. ମନସ୍ତାତ୍ତ୍ୱିକ ସମାଲୋଚନା କାହାକୁ କୁହାଯାଏ ?

ଞ. ଇନ୍ଦ୍ରଧନୁ ଓ ବିଜୁଳି ପତ୍ରିକା ମଧ୍ୟରେ କେଉଁ ପତ୍ରିକାଟି ରାଧାନାଥ ରାୟଙ୍କ ପକ୍ଷ ସମର୍ଥନ କରୁଥିଲା ?

ଟ. 'Criticism' ଶବ୍ଦଟି କେଉଁ ଗ୍ରୀକ୍ ଶବ୍ଦରୁ ଆସିଅଛି ?

ଠ. ପତୁରାନନ୍ଦଙ୍କ ପିତୃମାତୃଦତ୍ତ ନାମ କଣ ଥିଲା ?

ଡ. ଫତୁରାନନ୍ଦ କେବେ ଓ କେଉଁଠାରେ ଜନ୍ମଗ୍ରହଣ କରିଥିଲେ ?

ଢ. ଭିକାରୀ ମିଶ୍ରଙ୍କର କେତୋଟି ପୁତ୍ର ଥିଲେ ?

ଣ. 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡେଙ୍କି' ଭ୍ରମଣ କାହାଣୀର ରଚୟିତା କିଏ ?

ତ. କେଉଁମାନଙ୍କ ଆଖିରେ ଶିକ୍ଷକମାନେ ଗୋଟିଏ ଗୋଟିଏ ଡେଙ୍କି ?

ଥ. କିଏ ଜଳ ଆଉ କିଏ ମରିଚିକା' - ଲେଖକ କେଉଁ ଉଦ୍ଦେଶ୍ୟରେ କହିଛନ୍ତି ?

ଦ. ଆଫ୍ରିକାରେ କେଉଁ କେଉଁ ହିଂସ୍ର ବନ୍ୟଜନ୍ତୁ ଦେଖାଯାଆନ୍ତି ।

ଧ. ଆକ୍ରା କାହାର ରାଜଧାନୀ ?

ନ. ଭାରତର ସାଂସ୍କୃତିକ ରାଜଦୂତ ବୋଲି ଭୁବନେଶ୍ୱର ବେହେରାଙ୍କୁ କିଏ କହିଥିଲେ ?
ପ. ଇଉରୋପ ଓ ଆମେରିକା କେଉଁ ସଭ୍ୟତାର ପ୍ରତୀକ ?
ଫ. କେଉଁ ଦେଶକୁ ବୌଦ୍ଧ ସଭ୍ୟତାର ମୁକୁଟମଣି ଉଦୀୟମାନ ସୂର୍ଯ୍ୟ କୁହାଯାଏ ?
ବ. ଉତ୍କଳମଣି ଗୋପବନ୍ଧୁ ଦାସ କେବେ ଓ କେଉଁଠି ଜନ୍ମଗ୍ରହଣ କରିଥିଲେ ?
ଭ. କାହାର ଏକତା ମାନବ ପ୍ରାଣର ମିଳନ ପକ୍ଷେ ଏକମାତ୍ର ପନ୍ଥା ?
ମ. ଭାବ ଓ ସଭ୍ୟତାର ମୂଳରେ କିଏ ମୁଖ୍ୟ ବୋଲି ଲେଖକ ଉଲ୍ଲେଖ କରିଛନ୍ତି ?

୨. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୨ ନମ୍ବର ବିଶିଷ୍ଟ ।

କ. ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ସ୍ୱପ୍ନଗତ ପାର୍ଥକ୍ୟ ଦର୍ଶାଅ ।
ଖ. ଓଡ଼ିଆ ସାହିତ୍ୟରେ ପ୍ରକାଶ ପାଇଥିବା ଆତ୍ମଜୀବନୀର ନାମ ଲେଖ । ଏହା କେବେ ପ୍ରକାଶ ଲାଭ କରିଥିଲା ?
ଗ. 'ସାଧନାର ପଥେ' କେଉଁ ସ୍ରଷ୍ଟାଙ୍କ ଉଲ୍ଲେଖନୀୟ ଆତ୍ମ-ଜୀବନୀ ? ଏହା କେବେ ପ୍ରକାଶିତ ହୋଇଥିଲା ?
ଘ. ସମାଲୋଚନାର ଉଦ୍ଦେଶ୍ୟ ସଂପର୍କରେ ଲେଖ ।
ଙ. 'ଶ୍ରୀଭାରତ ଦର୍ପଣ' ଗ୍ରନ୍ଥଟି କିଏ ରଚନା କରିଥିଲେ ? ଏହା କେଉଁ ପ୍ରାଚୀନ କାବ୍ୟ ଗ୍ରନ୍ଥ ଉପରେ ପ୍ରଥମ ଆଲୋଚନା ଗ୍ରନ୍ଥ ?
ଚ. 'ଅନ୍ଧାରର ଝୋଟିଚିତା' ପୁସ୍ତକ କିଏ ଲେଖିଥିଲେ ? ଏହା କେବେ ପ୍ରକାଶିତ ହୋଇଥିଲା ?
ଛ. ସୁରେନ୍ଦ୍ର ମହାନ୍ତିଙ୍କ ଦ୍ୱାରା ରଚିତ କେତୋଟି ସମାଲୋଚନା ଗ୍ରନ୍ଥର ନାମ ଲେଖ ?
ଜ. ଭ୍ରମଣ ସାହିତ୍ୟ କହିଲେ କ'ଣ ବୁଝ ? ଏଥିରେ କେଉଁ ଦିଗ ପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ ?
ଝ. ଭ୍ରମଣ ସାହିତ୍ୟର ଇଂରାଜୀ ପ୍ରତିଶବ୍ଦଟି ଲେଖ ଏବଂ ଏହାର ବ୍ୟୁତ୍ପତ୍ତିଗତ କ୍ରମ ଦର୍ଶାଅ ।
ଞ. କେଉଁ ଭ୍ରମଣ ସାହିତ୍ୟଟି ପ୍ରଥମ ପ୍ରବାସ ସ୍ମୃତି ରୂପେ ପରିଚିତ ? ଏହା କାହାର ରଚନା ?
ଟ. ଫତୁରାନନ୍ଦଙ୍କ ପରିବାରରେ କେଉଁ କେଉଁ ପର୍ବପର୍ବାଣି ପାଳନ ହେଉଥିବା କଥା ଉଲ୍ଲେଖ କରାଯାଇଛି ?

ଠ. ହିନ୍ଦୁ ଓ ମୁସଲମାନ ଧର୍ମକୁ ନେଇ ଫତୁରାନନ୍ଦଙ୍କ ପରିବାରରେ କିପରି ବ୍ୟବସ୍ଥା ହୋଇଥିଲା ?

ଡ. ଫତୁରାନନ୍ଦଙ୍କ ବିଦ୍ୟାରମ୍ଭ କେତେ ବର୍ଷରୁ ହୋଇଥିଲା ? ବିଦ୍ୟାରମ୍ଭ ସମୟର ପାରଂପରିକ ବ୍ୟବସ୍ଥା କିପରି ଥିଲା ?

ଢ. ଫତୁରାନନ୍ଦଙ୍କ ସମୟରେ ଚାଟଶାଳୀ ଶିକ୍ଷାଦାନ ବ୍ୟବସ୍ଥା କିପରି ଥିଲା ?

ଣ. ମଧୁଆ ପିଉସାର ଗଳ୍ପକଥନ ଶୈଳୀର ବିଶେଷତ୍ୱ କ'ଣ ଥିଲା ?

ତ. ବେଲୁ ମିଶେ ଚରିତ୍ରର ବୈଶିଷ୍ଟ୍ୟ ସଂକ୍ଷେପରେ ଲେଖ ।

ଥ. ଟ୍ରେନିଂ ସ୍କୁଲର ହେଡ୍‌ମାଷ୍ଟ୍ର ଭୀମରାଉତଙ୍କ ନାମରେ ଫତୁରାନନ୍ଦ ଏବଂ ତାଙ୍କର ବନ୍ଧୁମାନେ ସ୍କୁଲ ଇନିସ୍‌ପେକ୍ଟରଙ୍କ ପାଖରେ କେଉଁ ଅଭିଯୋଗ କରିଥିଲେ ?

ଦ. ଫତୁରାନନ୍ଦ ମେଡ଼ିକାଲ ସ୍କୁଲରେ ପଢୁଥିବା ଚାରିବନ୍ଧୁଙ୍କ ନାମକରଣ ସଂପର୍କରେ କ'ଣ କହିଥିଲେ ?

ଧ. ଆଫ୍ରିକାକୁ ଯିବା ପୂର୍ବରୁ କେଉଁ ପ୍ରତିଷେଧକ ଇଂଜେକସନ୍ ନେବାକୁ ବାଧ୍ୟତାମୂଳକ ?

ନ. ଇସ୍ପାତ ଓ ଖଣି ମନ୍ତ୍ରଣାଳୟର ମନ୍ତ୍ରୀ ଲେଖକଙ୍କୁ ଦିଲ୍ଲୀ ଡାକିବାର ମୂଳ କାରଣ କ'ଣ ଥିଲା ?

ପ. ଆଫ୍ରିକା ମହାଦେଶର ଜଳ-ପବନ, ଜୀବ-ଜନ୍ତୁ, ଗଛ-ପତ୍ର ସଂପର୍କରେ ସଂକ୍ଷେପରେ ଲେଖ ।

ଫ. ଗୋପବନ୍ଧୁ ଦାଶ ଓଡ଼ିଆ ସାହିତ୍ୟର କେଉଁ ଯୁଗର କର୍ଣ୍ଣଧାର ରୂପେ ପରିଚିତ ? ଏହି ଯୁଗର ସମୟସୀମା ଉଲ୍ଲେଖ କର ।

ବ. ସତ୍ୟବାଦୀ ବନବିଦ୍ୟାଳୟ କେବେ ଓ କାହାଦ୍ୱାରା ପ୍ରତିଷ୍ଠା ହୋଇଥିଲା ?

ଭ. ସଂପ୍ରତି ଭାରତରେ ମହାଜାତୀୟତା ସୃଷ୍ଟି ନ ହେବାର କାରଣ ଉଲ୍ଲେଖ କର ।

ମ. ଦ୍ରାବିଡ଼ ଓ ଆର୍ଯ୍ୟ ମଧ୍ୟରେ ହୋଇଥିବା ସଂଘର୍ଷର ଫଳାଫଳ କ'ଣ ହୋଇଥିଲା ?

୩. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୩ ନମ୍ବର ବିଶିଷ୍ଟ ।

କ. ଆତ୍ମଜୀବନୀ କ'ଣ ? ଏହାର ସ୍ୱରୂପ ସଂକ୍ଷେପରେ ଦର୍ଶାଅ ।

ଖ. ଆତ୍ମଜୀବନୀକୁ କେତେ ଭାଗରେ ବିଭକ୍ତ କରାଯାଇଛି ? ସେଗୁଡ଼ିକ କ'ଣ କ'ଣ ?

ଗ. ବସ୍ତୁନିଷ୍ଠ ଆତ୍ମଜୀବନୀ ଓ ବ୍ୟକ୍ତିନିଷ୍ଠ ଆତ୍ମଜୀବନୀ ମଧ୍ୟରେ ରହିଥିବା ପାର୍ଥକ୍ୟ ଦର୍ଶାଅ ।

ଘ. ସ୍ୱାଧୀନତା ପରବର୍ତ୍ତୀ ଆତ୍ମଜୀବନୀର ବିକାଶଧାରା ସଂପର୍କରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

ଙ. ଭ୍ରମଣ ସାହିତ୍ୟ କହିଲେ କ'ଣ ବୁଝ ? ଭ୍ରମଣ ସାହିତ୍ୟରେ କେଉଁ ଦିଗପ୍ରତି ଅଧିକ ଗୁରୁତ୍ୱ ଦିଆଯାଇଥାଏ ?

ଚ. ଭ୍ରମଣ ସାହିତ୍ୟର ସ୍ୱରୂପ ସଂପର୍କରେ ସଂକ୍ଷେପରେ ଲେଖ ।

ଛ. ଭ୍ରମଣ କାହାଣୀକୁ କେତେ ଭାଗରେ ବିଭକ୍ତ କରାଯାଇଛି ? ଏବଂ ସେଗୁଡ଼ିକର ନାମ ଲେଖ ।

ଜ. ବାସ୍ତବ ଅନୁଭୂତି ସଂପର୍କିତ ଭ୍ରମଣ କାହାଣୀ କ'ଣ ?

ଝ. କଳ୍ପନା ମୂଳକ ଭ୍ରମଣ କାହାଣୀ କାହାକୁ କୁହାଯାଏ ଏବଂ ଏହା କେତେ ଭାଗରେ ବିଭକ୍ତ ବର୍ଣ୍ଣନା କର ।

ଞ. ପତ୍ରପତ୍ରିକା ଭିତ୍ତିକ ଭ୍ରମଣ କାହାଣୀ ସମ୍ବନ୍ଧରେ ସଂକ୍ଷିପ୍ତ ବିବରଣୀ ପ୍ରଦାନ କର ।

ଟ. ସମାଲୋଚନାର ସ୍ୱରୂପ ସଂପର୍କରେ ଆଲୋଚନା କର ।

ଠ. ଆଳଙ୍କାରିକ ସମାଲୋଚନା କ'ଣ ଆଲୋଚନା କର ଏବଂ ଏହାର କେତେକ ଉଦାହରଣ ଦିଅ ।

ଡ. ଫତୁରାନନ୍ଦ ନିଜ ଆତ୍ମଜୀବନୀ 'ମୋ ଫୁଟା ଡଙ୍ଗାର କାହାଣୀ' ନାମକରଣ ସଂପର୍କରେ କ'ଣ କହିଥିଲେ ?

ଢ. ରାଉତବୁଢ଼ାର ବିଶେଷତ୍ୱ ସଂପର୍କରେ ଲେଖ ।

ଣ. ଫତୁରାନନ୍ଦଙ୍କ ଶୈଶବ କାଳୀନ ପାଠପଢ଼ା ସଂକ୍ଷେପରେ ଲେଖ ।

ତ. ମଧୁଆ ପିଉସା ଚରିତ୍ରର ବୈଶିଷ୍ଟ୍ୟ ସଂକ୍ଷେପରେ ଲେଖ ।

ଥ. ସ୍କୁଲ ଶିକ୍ଷା ସମ୍ବନ୍ଧରେ ଫତୁରାନନ୍ଦଙ୍କ ଜେଜେବାପା କେଉଁ ମତାମତ ଦେଇଥିଲେ ?

ଦ. କାହ୍ନୁଆ ଓରଫ କାହ୍ନୁଚରଣ ପତି ଚରିତ୍ରର ବୈଶିଷ୍ଟ୍ୟ ସଂକ୍ଷେପରେ ଲେଖ ।

ଧ. କେଉଁ ସହରର ଲୋକମାନେ ମୁଖାପିନ୍ଧା ଅଭିନୟ ବା ଛଳନାଯୁକ୍ତ ବୋଲି ଲେଖକ କହିଛନ୍ତି ? ଏପରି କହିବାର କାରଣ ସଂକ୍ଷେପରେ ଲେଖ ।

ନ. ଇସ୍ପାତ ଓ ଖଣି ମନ୍ତ୍ରଣାଳୟର ମନ୍ତ୍ରୀ ଲେଖକଙ୍କୁ ଦିଲ୍ଲୀ ଡାକିବାର ମୂଳ କାରଣ କ'ଣ ଥିଲା ?

ପ. ଭାରତରେ ପ୍ରାଦେଶିକ ସ୍ୱାତନ୍ତ୍ର୍ୟ ନଷ୍ଟ ହେବାର କାରଣ କ'ଣ ?

ଫ. ଭାଷା ଏକ ହେଲେ ଜାତିର ଏକତା ସୁନିଶ୍ଚିତ, ଏହାର ଅନ୍ତର୍ନିହିତ ଚେତନାଟିକୁ ବିଶ୍ଳେଷଣ କର ।

ବ. ଜାତୀୟତା ଓ ମହାଜାତୀୟତା ମଧ୍ୟରେ ସୂକ୍ଷ୍ମଗତ ପାର୍ଥକ୍ୟ ଦର୍ଶାଅ ।

୪. ପ୍ରତ୍ୟେକ ପ୍ରଶ୍ନର ମୂଲ୍ୟ ୭ ନମ୍ବର ବିଶିଷ୍ଟ ।

କ. ଆତ୍ମ ଜୀବନୀର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ଆଲେଚନା କର ।

ଖ. ଆତ୍ମଜୀବନୀର ସଂଜ୍ଞା ଓ ପ୍ରକାରଭେଦ ସଂପର୍କରେ ଆଲୋଚନା କର ।

ଗ. ସ୍ୱାଧୀନତା ପରବର୍ତ୍ତୀ ଆତ୍ମଜୀବନୀର ବିକାଶଧାରା ସଂପର୍କରେ ବିଶ୍ଳେଷଣ କର ।

ଘ. ଜୀବନୀ ଓ ଆତ୍ମଜୀବନୀ ମଧ୍ୟରେ ପାର୍ଥକ୍ୟ ଦର୍ଶାଇ ଆତ୍ମଜୀବନୀର ସ୍ୱରୂପ ସଂପର୍କରେ ଆଲୋଚନା କର ।

ଙ. ଭ୍ରମଣ କାହାଣୀର ପୃଷ୍ଠଭୂମି ଓ ବିକାଶଧାରା ବିଷୟରେ ସର୍ବଶେଷ ବିଶ୍ଳେଷଣ କର ।

ଚ. ଭ୍ରମଣ କାହାଣୀର ସ୍ୱରୂପ ଉଲ୍ଲେଖ କରିବା ସହ ପ୍ରଫେସର ଗୋଲୋକବିହାରୀ ଧଳ ଜଣେ ସଫଳ ଭ୍ରମଣ ସାହିତ୍ୟର ସ୍ରଷ୍ଟା ନିଜ ଦୃଷ୍ଟିକୋଣରୁ ବିଚାର କର ।

ଛ. ଜଣେ ସଫଳ ଭ୍ରମଣ କାହାଣୀକାର ଭାବେ ଲୋକରତ୍ନ କୁଞ୍ଜବିହାରୀ ଦାଶଙ୍କ ସଂପର୍କରେ ଆଲୋଚନା କର ।

ଜ. ସମାଲୋଚନାର ସଂଜ୍ଞା ଓ ସ୍ୱରୂପ ସଂପର୍କରେ ବିଶ୍ଳେଷଣ କର ।

ଝ. ସମାଲୋଚନା ସାହିତ୍ୟର ବିକାଶ କ୍ଷେତ୍ରରେ ପତ୍ରପତ୍ରିକା ଓ ସାହିତ୍ୟକ ଅନୁଷ୍ଠାନର ଅବଦାନ ଗୁରୁତ୍ୱପୂର୍ଣ୍ଣ । ନିଜ ଦୃଷ୍ଟିକୋଣରୁ ବିଚାର କର ।

ଞ. ସମାଲୋଚନା ସାହିତ୍ୟର ବିଭିନ୍ନ ଦିଗ ସଂପର୍କରେ ବିଶ୍ଳେଷଣ କର ।

ଟ. 'ମୋ ଫୁଟା ଡଙ୍ଗାର କାହାଣୀକ୍ଷ ଏକ ସାର୍ଥକ ଆତ୍ମଜୀବନୀ ବିଶ୍ଳେଷଣ କର ।

ଠ. ହାସ୍ୟ ଓ କାରୁଣ୍ୟର ମିଶ୍ର ରାଗ : 'ମୋ ଫୁଟା ଡଙ୍ଗାର କାହାଣୀ' ନିଜ ଦୃଷ୍ଟିକୋଣରୁ ବିଚାର କର ।

ଡ. 'ମୋ ଫୁଟା ଡଙ୍ଗାର କାହାଣୀ' ଆତ୍ମଜୀବନୀ ଆଧାରରେ ଫତୁରାନନ୍ଦଙ୍କ ସାହିତ୍ୟକ ଜୀବନ ସଂପର୍କରେ ଆଲୋଚନା କର ।

ଢ. 'ମୋ ଫୁଟା ଡଙ୍ଗାର କାହାଣୀ' ଆତ୍ମଜୀବନୀର ନାମକରଣ ସାର୍ଥକତା ଦର୍ଶାଅ ।

ଣ. 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡେଙ୍କି' ଏକ ସାର୍ଥକ ଭ୍ରମଣ କାହାଣୀ ଆଲୋଚନା କର ।

ତ. 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡେଙ୍କି' ଭ୍ରମଣ କାହାଣୀ ଆଧାରରେ ଲାଇବେରିଆ ଗଣରାଜ୍ୟର ଶିକ୍ଷା ପଦ୍ଧତି ସଂପର୍କରେ ସମ୍ୟକ ଆଲୋଚନା କର ।

ଥ. 'ପଶ୍ଚିମ ଆଫ୍ରିକାରେ ଓଡ଼ିଆ ଡେଙ୍କି' ଭ୍ରମଣ କାହାଣୀ ଆଧାରରେ ଲାଇବେରିଆ ଗଣରାଜ୍ୟର ଐତିହ୍ୟ, ସଂସ୍କୃତି ଓ ସାମାଜିକ ଜୀବନଧାରା ସଂପର୍କରେ ଆଲୋଚନା କର ।

ଦ. 'ଭାଷା ଓ ଜାତୀୟତା' ପ୍ରବନ୍ଧର ତାତ୍ପର୍ଯ୍ୟ ଉଲ୍ଲେଖ କର ।

ଧ. 'ଭାଷାର ଏକତା ଥିଲେ ଭାବର ଏକତା ସୁନିଶ୍ଚିତ' ପଠିତ ପ୍ରବନ୍ଧ ଆଧାରରେ ଏହାର ଯଥାର୍ଥତା ପ୍ରତିପାଦନ କର ।

ନ. 'ଭାଷା ଓ ଜାତୀୟତା' ପ୍ରବନ୍ଧରୁ ପ୍ରାବନ୍ଧିକଙ୍କ ଜାତୀୟବାଦୀ ମନୋଭାବର ପରିଚୟ ଦିଅ ।

***